## ସଂକ୍ଷେପରେ

### ଦିଲୀପ ପାହାନ ହତ୍ୟା ଘଟଣାରେ ଆଉ ୩ ଗିରଫ

ଛତ୍ରପୁର/ଖଲ୍ଲିକୋଟ, ୨୭।୫ (ଦିଲୀପ କୁମାର ସାମଲ/ପ୍ରଶାନ୍ତ କୁମାର ମିଶ୍ର): ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ନିର୍ବାଚନୀ ହିଂସାକାଣ୍ଡ ଘଟିଥିଲା। ପୋଷ୍ଟର ମାରିବାକୁ ନେଇ ଗତ ୧୫ ତାରିଖରେ ଭାଜପା କର୍ମୀ ଦିଲ୍ଲୀପ ପାହାନଙ୍କୁ ଖଣ୍ଡାରେ ହାଣି ହତ୍ୟା କରିବା ସହ ଆକ୍ରମଣରେ ଆଉ ୩ ଜଣ ଆହତ ହୋଇଥିଲେ। ଏହି ଘଟଣାର ଅନୁସନ୍ଧାନ ପାଇଁ ଏସଆଇଟି ଗଠନ ହୋଇଥିଲା। ପୂର୍ବରୁ ୧୧ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତମାନେ ବାହାରେ ଥିଲେ। ସୋମବାର ସେମାନଙ୍କ ମଧ୍ୟରୁ ଆଉ ୩ ଜଣଙ୍କୁ ଗିରଫ କରାଯାଇଥିବା ଗଞ୍ଜାମ ଏସପି ଜଗମୋହନ ମୀନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ମୋହନପୁର ଗ୍ରାମର କାର୍ତ୍ତିକ ପରିଡା, ରାମଚନ୍ଦ୍ରପୁର ଗ୍ରାମର କାଳିଆ ପ୍ରଧାନ, ଲୋଙ୍ଗର ଗ୍ରାମର ସୋନୁ ଓରଫ ଶୀତମ ପାହନ। ବର୍ତ୍ତମାନ ସୁଦ୍ଧା ଏହି ହତ୍ୟାକାଣ୍ଡ ଘଟଣାରେ ୧୪ ଜଣ ଗିରଫ ହୋଇସାରିଥିବା ବେଳେ ତଦନ୍ତ ଜାରିରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

### ଚିକିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ଚିକିଟି, ୨୭।୫ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିଗଡ଼ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଯୁକ୍ତ ୨ କଳାରେ ସ୍ମୃତି ସାହୁ ୫୧୭ ମାର୍କ ଓ ବିଜ୍ଞାନରେ ରାଜଲକ୍ଷ୍ମୀ ସାବତ ୫୧୫ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। କଳାରେ ମୋଟ ୯୩.୮୫% ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୮୫ ଜଣ ପ୍ରଥମ ଶ୍ରେଣୀ, ୬୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ୮୨ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ସେହିପରି ବିଜ୍ଞାନରେ ମୋଟ ୭୩.୮୧ % ଛାତ୍ରୀଛାତ୍ର ପାସ କରିଥିବା ବେଳେ ୩୯ ଜଣ ପ୍ରଥମ ଶ୍ରେଣୀ, ୪୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୨ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି।

### ମା' ସୁନାମୁହିଁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଖଜୁରୀପଡ଼ା, ୨୭।୫ (ବିଦୁର ବେହେରା):

ଖଜୁରୀପଡ଼ା ବ୍ଲକ ଅରାପାଜୁ ଗ୍ରାମପଞ୍ଚାୟତ ପିପଲପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆଠାରେ ମା' ସୁନାମୁହିଁ କ୍ରିକେଟ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଦୁଇଦିନିଆ ଏହି କ୍ରିକେଟ ମ୍ୟାଚରେ ସମୁଦାୟ ୮ଟି ଦଳ ଭାଗ ନେଇଥିବା ବେଳେ ସେମିଫାଇନାଲକୁ ଲାଇନପଡା, ପିପଲପଡା, ଟିଟ୍ରାପଙ୍ଗା ଓ ପ୍ରାକ୍ଟିସ ୧୧ ପ୍ରବେଶ କରିଥିଲେ। ସେହିଭଳି ଫାଇନାଲ ମ୍ୟାଚ ଲାଇନପଡା ଓ ଟିଟ୍ରାପଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଲାଇନପଡା ଦଳ ବିଜେତା ହୋଇ ୭୦୦୦ ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଟିଟ୍ରାପଙ୍ଗା ଦଳକୁ ୫୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ମ୍ୟାନ ଅଫ ଦି ସିରିଜ, ମ୍ୟାନ ଅଫ ଦି ମ୍ୟାଚ ଏବଂ ବେଷ୍ଟ ବୋଲର ପ୍ରାଇଜ ମଧ୍ୟ ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ଜିଲା ପରିଷଦ ସଦସ୍ୟା ଉର୍ବଶୀ ଦିଗାଲ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ସଂଘର ସଭାପତି ସମ୍ପାଦକ ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଜଳଭଣ୍ଡାର ଫାଟକର ମକ୍‌ଡ୍ରିଲ୍ କଲେ ମେକାନିକାଲ ଟିମ୍

**ନିର୍ବାଚନ ପାଇଁ ମରାମତି କାର୍ଯ୍ୟ ଧିମେଇ ଯାଇଛି**

ଭଞ୍ଜନଗର, ୨୭।୫ (ବାବୁଲା ପ୍ରଧାନ):

ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଦୁର୍ବଳ ଶାଖା ଓ ମୁଖ୍ୟ କେନାଲ ସମେତ ନଦୀ ଆଡ଼ିବନ୍ଧ ସ୍ଥାନଗୁଡ଼ିକ ମୌସୁମୀ ବର୍ଷା ଆଗମନ ପୂର୍ବରୁ ମରାମତି କରାଯାଇଥାଏ। ଏଥିସହ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ହେଉଥିବା ଫାଟକଗୁଡ଼ିକର ବାର୍ଷିକ ମରାମତି କରାଯାଇଥାଏ। ଏହାପରେ ଯାଞ୍ଚ କରି ମକ୍‌ଡ୍ରିଲ୍ କରାଯାଇଥାଏ। ଏହାପରେ ଫାଟକଗୁଡ଼ିକ ସୁରକ୍ଷିତ ଅଛି ବୋଲି ପ୍ରମାଣପତ୍ର ପ୍ରଦାନ କରାଯିବା ପରେ ବର୍ଷା ଦିନେ ପାଣି ଛାଡ଼ିବା ବ୍ୟବସ୍ଥା ହୋଇଥାଏ। ମୌସୁମୀ ବର୍ଷା ଜୁନ୍ ଦ୍ୱିତୀୟ ସପ୍ତାହ ଆଡ଼କୁ ଆସିବା ସମ୍ଭାବନା ରହିଛି। ତେଣୁ ଏହା ପୂର୍ବରୁ ଆଡ଼ିବନ୍ଧ ଏବଂ ଫାଟକ ମରାମତି କାର୍ଯ୍ୟ ହୋଇଥାଏ। ଭଞ୍ଜନଗର ଅଧୀକ୍ଷଣଯନ୍ତ୍ରୀଙ୍କ ଅଧୀନରେ ଥିବା ସମସ୍ତ ଜଳଭଣ୍ଡାରର ଜଳ ନିଷ୍କାସନ ଫାଟକ ମରାମତି ଏବଂ ପରୀକ୍ଷା କାର୍ଯ୍ୟ ସୋମବାର ସରିଛି। ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟିମ୍ ଗତ ୨୩ ତାରିଖରୁ ଭଞ୍ଜନଗର ଗସ୍ତରେ



ସୋରଡ଼ା ନିକଟସ୍ଥ ପଦ୍ମା ବ୍ୟାରେଜର ମକ୍‌ଡ୍ରିଲ ଚାଲିଛି।

ଆସି ଭଞ୍ଜନଗର, ବୁଗୁଡ଼ା ଏବଂ ଡ଼ହ ଜଳଭଣ୍ଡାରର ବିଭିନ୍ନ ଜଳ ନିଷ୍କାସନ ଫାଟକଗୁଡ଼ିକ ଯାଞ୍ଚ କରିବା ପରେ ମକ୍ ଡ୍ରିଲ୍ କରିଥିଲେ। ସୋମବାର ଉକ୍ତ ଟିମ୍ ସୋରଡ଼ା ଜଳଭଣ୍ଡାରର ବିଭିନ୍ନ ଜଳ ନିଷ୍କାସନ ଫାଟକ ଗୁଡ଼ିକ ଯାଞ୍ଚ କରିବା ପରେ ମକ୍ ଡ୍ରିଲ୍ କରିଥିଲେ। ଏହି ସମୟରେ ଜଳସମ୍ପଦ ବିଭାଗ ମେକାନିକେଲ ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଭଞ୍ଜନଗର ଅଧୀକ୍ଷଣ ଯନ୍ତ୍ରୀ ରବିନ୍ଦ୍ର ନାଥ ସେଠୀ, ଡ଼ହ ସହକାରୀ ନିର୍ବାହୀଯନ୍ତ୍ରୀ ପଞ୍ଚୁ ବେହେରା, ସୋରଡ଼ା ସହକାରୀ ଯନ୍ତ୍ରୀ ବିଜୟ ପଟ୍ଟନାୟକ, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଗତ ଜାନୁୟାରୀ ମାସରେ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଥିବା ଛୋଟ ବଡ଼ ଟେଣ୍ଡର କାମଗୁଡ଼ିକ ବର୍ତ୍ତମାନ ଚାଲିଛି। କିନ୍ତୁ ସାଧାରଣ ନିର୍ବାଚନ ସମେତ ବିଭିନ୍ନ କାରଣ ଯୋଗୁ କେତେକ କାମ ଧିମେଇ ଯାଇଛି। ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟା ସରିଯାଇଥିବା ଯୋଗୁ ଟେଣ୍ଡର ଆହ୍ୱାନ କରାଯାଇଥିବା କାମଗୁଡ଼ିକ ନିର୍ଦ୍ଧାରିତ ସମୟରେ କିଭଳି ସରିବ ସେଥିପାଇଁ ବିଭାଗୀୟ ଯନ୍ତ୍ରୀମାନେ ଆବଶ୍ୟକ ପଦକ୍ଷେପ ନେଉଥିବା ଜଣାପଡ଼ିଛି। ଡହ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଅଧୀନରେ ଡ଼ହ ଜଳଭଣ୍ଡାର ଅଛି। ଉକ୍ତ ଜଳଭଣ୍ଡାରରୁ ଜମିକୁ ପାଣି ଛାଡ଼ିବା ପାଇଁ ୪୦ କିମି ମୁଖ୍ୟ କେନାଲ ଏବଂ ୧୧୨ କିମି ଶାଖା କେନାଲ ଅଛି। ଆସିକା ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଅଧୀନରେ ୨୯ କିମି ମୁଖ୍ୟ କେନାଲ ଥିବା ବେଳେ ପ୍ରାୟ ୧୦୮ କିମି ଶାଖା କେନାଲ ଅଛି। ଏଥିସହ ଆସିକାରେ ପ୍ରାୟ ୮୦ କିମି ନଦୀ ଆଡ଼ିବନ୍ଧ ଅଛି। ବୁଗୁଡ଼ା ସହକାରୀ ନିର୍ବାହୀଯନ୍ତ୍ରୀ ଅଧୀନରେ ଥିବା ବାଘୁଆ ଜଳସେଚନ ପ୍ରକଳ୍ପ ଅଧିନରେ ମୁଖ୍ୟ କେନାଲ ୪ କିମି ୯୫୦ ମିଟର ଅଛି। ଏଥିସହ ୨୪ କିମି ଶାଖା କେନାଲ ଅଛି। ସମସ୍ତ କେନାଲ ମରାମତି କାମ ପ୍ରାୟ ସରିଯାଇଛି। ସେହିଭଳି ଭଞ୍ଜନଗର ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଅଧୀନରେ ଆସୁଥିବା ଭଞ୍ଜନଗର ଜଳସେଚନ ପ୍ରକଳ୍ପ ଅଧିନରେ ମୁଖ୍ୟ କେନାଲ ୧୫ଶହ ମିଟର ଥିବା ବେଳେ ଶାଖା କେନାଲ ପ୍ରାୟ ୫୪ କିମି ଅଛି। ଏଥିସହ ନଦୀ ଆଡ଼ିବନ୍ଧ ପ୍ରାୟ ୫୨ କିମି ଅଛି। ଏନେଇ ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, କେନାଲ ଓ ନଦୀ ଆଡ଼ିବନ୍ଧ ମରାମତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବ। ବର୍ତ୍ତମାନ ବିଭିନ୍ନ ଫାଟକଗୁଡ଼ିକୁ ଯାଞ୍ଚ କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ମେକାନିକେଲ ଟିମ୍ ଆସି ମକ୍ ଡ୍ରିଲ୍ କରୁଛନ୍ତି।

# ମା' ରାମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରା ଶୁଭାରମ୍ଭ

ଛତ୍ରପୁର, ୨୭।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ପ୍ରତି ଦୁଇ ବର୍ଷକୁ ଥରେ ହେଉଥିବା ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏହା ଜୁନ ୩୦ ତାରିଖରେ ଶେଷହେବ। ଏଥିଲାଗି ଦିନବେଳା ଯାତ୍ରା କମିଟିର ମ୍ୟାନେଜର ସି.ଏଚ. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ସମରେନ୍ଦ୍ର ସେନାପତି ପତ୍ନୀଙ୍କ ସହ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଯାତ୍ରା ଲାଗି ମା'ଙ୍କ ଆଜ୍ଞାମାଳ ଆଣିବା ପାଇଁ ମା' ରାମାୟଣାମ୍ମା ଠାକୁରାଣୀଙ୍କ ମନ୍ଦିରକୁ ବିରାଟ ପଟୁଆରରେ ଯାଇଥିଲେ। ମା'ଙ୍କ ମସ୍ତକରୁ ଫୁଲ ଚାଙ୍ଗୁଡ଼ିରେ ପଡ଼ିବା ପରେ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଥାଏ। ମା' ଶାଶୁ ଘରୁ ତାଙ୍କ ମା'ଙ୍କ ଘରକୁ ଯାଇଥାନ୍ତି। ପ୍ରତ୍ୟେହ ଭୋର ସମୟରେ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଆରତୀ, ପରେ ଯାତ୍ରାଦାତା ଓ ଅନ୍ନଭୋଗଦାତାଙ୍କ



ପୂଜାର୍ଚ୍ଚନା କରାଯାଉଛି।

ପାଇଁ ଗୁଆ ଓ ଚାଉଳ ପୂଜା ହୋଇଥାଏ। ଏହାପରେ ଦହି ଅନ୍ନ ଭୋଗ, ସନ୍ଧ୍ୟାରେ ମଣ୍ଡା ଭୋଗ, ସନ୍ଧ୍ୟା ଆରତୀ ସଙ୍ଗେ ସଙ୍ଗେ ମା'ଙ୍କ ଘଟ ନଗର ପରିକ୍ରମା କରିଥାଏ। ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଶେରଗଡ଼ରେ ବିଜ୍ଞାନରେ ପାସ୍ ହାର ୮୦%

ଶେରଗଡ, ୨୭।୫ (ସୂର୍ଯ୍ୟ ନାରାୟଣ ଦାଶ):

ଶେରଗଡ଼ ବ୍ଲକରେ ଥିବା ୩ଟି ଯୁକ୍ତ ଦୁଇ କଲେଜ ଫଳାଫଳ ପ୍ରକାଶ ପାଇଛି। କଳାରେ ପାସହାର ୭୧ ପ୍ରତିଶତ, ବିଜ୍ଞାନରେ ୮୦ ପ୍ରତିଶତ ଓ ବାଣିଜ୍ୟରେ ୪୬ ପ୍ରତିଶତ ରହିଛି। ଉଦୟ ପ୍ରତାପ ବିଜ୍ଞାନ କଲେଜର ୩ ଛାତ୍ରୀଛାତ୍ର କଳା, ବିଜ୍ଞାନ ଓ ବାଣିଜ୍ୟରେ ବ୍ଲକରେ ଟପ୍ପର ହୋଇଛନ୍ତି। କଳାରେ ପପିସା ପାତ୍ର ୪୮୧ ମାର୍କ, ବିଜ୍ଞାନରେ ଦିବ୍ୟାନାରାୟଣ ପାଣିଗ୍ରାହୀ ୪୪୪ ମାର୍କ, ବାଣିଜ୍ୟରେ ଆରତୀ ପାଢ଼ୀ ୪୬୯ ମାର୍କ ରଖି କଲେଜ ପାଇଁ ଗୌରବ ଆଣିଛନ୍ତ। ସେହିପରି ପିଉଳ କଲେଜରେ କଳା ବିଭାଗରେ ୨୫୨ ଜଣ ପରୀକ୍ଷା ଦେଇଥିବା ବେଳେ ୧୪୫ ଜଣ ପାସ ହୋଇଛନ୍ତ। ସନ୍ଧ୍ୟାରାଣୀ ଦାଶ ୪୧୨ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ବିଜୁ ପଟ୍ଟନାୟକ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଭାଗରେ ୧୭୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ୧୬୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରୀ କିସମତି ସ୍ୱାଇଁ ୪୫୮ ମାର୍କ ରଖି କଲେଜ ଟପ୍ପର ହୋଇଥିବା କଲେଜ ପରିଚାଳକ ଅଜୟ କୁମାର ଜେନା କହିଛନ୍ତି।

# ଜଳ, ରାସ୍ତା ସମସ୍ୟା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ

ପାରଳାଖେମୁଣ୍ଡି, ୨୭।୫ (ଗିରିଧାରୀ ପରିଛା):

ଦେଶ ସ୍ୱାଧୀନତାର ଦୀର୍ଘ ବର୍ଷ ହେଲା ଗଜପତି ଜିଲା ରାୟଗଡ଼ ବ୍ଲକର ଦୁଇ ପଞ୍ଚାୟତର ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି, ଯାହାକୁ ନେଇ ସୋମବାର ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ରାୟଗଡ଼ ବ୍ଲକ ଏସ କରଡା ସିଂ ପଞ୍ଚାୟତର ଏ କରଣ ସାହି ଓ ଲାଇଲାଇ ପଞ୍ଚାୟତର ବିଷମ ପାଢ଼ୀ ଗ୍ରାମବାସୀ।

ଗଜପତି ଜିଲା ରାୟଗଡ଼ ବ୍ଲକ ଏସ. କରଡା ସିଂ ପଞ୍ଚାୟତର ଏ. କରଣ ସାହି ଏବଂ ଲାଇଲାଇ ପଞ୍ଚାୟତର ବିଷମ ପାଢୀର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସେମାନଙ୍କର ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ଏହି ଦୁଇ ପଞ୍ଚାୟତର



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ

ଲୋକେ ପିଇବା ପାଣି ପାଇଁ ପ୍ରତିଦିନ ଦୁଇ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରିବା ପାଇଁ ପଡୁଛି। ରାସ୍ତା ଭଲ ନ ଥିବାରୁ ମହିଳାମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ସମସ୍ୟା ନେଇ ରାଜନେତା, ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ମଧ୍ୟ ବହୁବାର ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ସେମାନଙ୍କ କହିବା ହେଲା ସେହି ଦୁଇ ଗ୍ରାମରେ ଆଜି ପର୍ଯ୍ୟନ୍ତ ଗୋଟିଏ ରାସ୍ତା ହୋଇପାରୁନାହିଁ। ଗ୍ରାମକୁ ଯିବା ପାଇଁ ମାଟି ରାସ୍ତା ରହିଛି। ବର୍ଷା ହେଲେ ରାସ୍ତାରେ ଲୋକେ ଯିବାଆସିବା କରିବା ଅସମ୍ଭବ ହୋଇପଡୁଛି। ଏହି ଦୁଇ ଗ୍ରାମରେ ୨୦୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଆଜି ପର୍ଯ୍ୟନ୍ତ ପ୍ରଶାସନର ଦୃଷ୍ଟି ଆକର୍ଷଣ ହୋଇପାରିନାହିଁ। ରାସ୍ତା ନଥିବାରୁ ଗର୍ଭବତୀ ମହିଳାମାନଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି ବୋଲି କହିଛନ୍ତି ଗ୍ରାମବାସୀ। ଯଦି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ନହୁଏ ତାହାହେଲେ ଏହି ଦୁଇ ପଞ୍ଚାୟତର ଗ୍ରାମବାସୀ ରାଜା ରାସ୍ତା ଅବରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ଶାଗୁଆନ କାଠ ଗଣ୍ଡି ଚାଲାଣ ବେଳେ ୮ ଗିରଫ



ଦାରିଙ୍ଗବାଡି, ୨୭।୫ (ଅରୁଣ ସାହୁ):

ଗତ କିଛି ଦିନ ଧରି ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ବନାଞ୍ଚଳରେ କେତେକ ଦୁର୍ବୃତ୍ତ ଆତଙ୍କ ସୃଷ୍ଟି କରିବା ସହ ଜଙ୍ଗଲ କାଟି ଗଞ୍ଜାମ ଜିଲାକୁ କାଠ ଚୋରାଚାଲାଣ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ବ୍ରାହ୍ମଣୀଗାଁ ବନାଞ୍ଚଳ ପକ୍ଷରୁ ରାତି ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା। ରବିବାର ଭୋର ସମୟରେ ଉକ୍ତ ବନାଞ୍ଚଳ କାଟିଙ୍ଗିଆ ସେକ୍ସନର ଗୁଡିକିଆ ଅଞ୍ଚଳରେ ପାଟ୍ରୋଲିଂ ବେଳେ ଏକ ମିନି ଟ୍ରକରେ ୨୪ ଖଣ୍ଡ ଶାଗୁଆନ କାଠ ଗଣ୍ଡି ଗଞ୍ଜାମ ଜିଲାକୁ ଚୋରାଚାଲାଣ ବେଳେ ବନ ବିଭାଗ ମାଡ଼ିବସିଥିଲା। ଏଥିରେ ସମ୍ପୃକ୍ତ ୮ ଜଣ ମାଫିଆଙ୍କୁ ବନ କର୍ମଚାରୀ ଗିରଫ କରିଥିଲେ। କାଠଗଣ୍ଡି ଓ ଟ୍ରକ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରାଯାଇଥିବା ବନାଞ୍ଚଳ ଅଧିକାରୀ ହରିହର ବେହେରା କହିଛନ୍ତି। ସେ କହିଛନ୍ତି ଯେ ପ୍ରାୟ କାଠ ଗଣ୍ଡିର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଗିରଫ ୮ ଜଣ ହେଲେ ପ୍ରଶାନ୍ତ କୁମାର ସାହୁ, ଉପେନ୍ଦ୍ର ଗୌଡ଼, ଶରତ ସେଠି, ବାବୁଲା ସ୍ୱାଇଁ, ଶିବ ଜେନା, କୃଷ୍ଣ ବିଶୋଇ, ବାବୁଲା ଘଡେଇ ଏବଂ ଶଙ୍କର ପାତ୍ର। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଥିବା ବନାଞ୍ଚଳ ଅଧିକାରୀ ହରିହର ବେହେରା କହିଛନ୍ତି। ହି ଚଢ଼ାଉରେ ବନାଞ୍ଚଳ ଅଧିକାରୀ ବେହେରାଙ୍କ ସମେତ ବନପାଳ ସରୋଜ ମଙ୍ଗରାଜ, ଦୀପକ ପଟ୍ଟନାୟକ, ସରୋଜ ପାତ୍ର, ମାର୍କା ମଲିକ, ଇନ୍ଦ୍ରମଣୀ ଦିଗାଲ ଏବଂ ସ୍କ୍ୱାଡ଼ ଟିମ ସାମିଲ ହୋଇଥିଲେ। ସମସ୍ତ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲାରେ ହୋଇଥିବାରୁ ଗଞ୍ଜାମ-ଗଜପତି ସୀମାରେ ବନ ବିଭାଗ ପକ୍ଷରୁ ବିଶେଷ କରି ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ପାଟ୍ରୋଲିଂ ଜୋରଦାର କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବିଜ୍ଞାନରେ ଅମିତ, ବାଣିଜ୍ୟରେ ଝିଲି ଓ କଳାରେ ବିଷ୍ଣୁପ୍ରିୟା ଟପ୍ପର

ହିଞ୍ଜିଳିକାଟୁ, ୨୭।୫ (ଦ୍ୱିତୀକୃଷ୍ଣ ପଣ୍ଡା):

ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ପରୀକ୍ଷା ଫଳ ରବିବାର ପ୍ରକାଶିତ ହୋଇଛି। ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର +୨ ବିଜ୍ଞାନରେ ୩୭୩ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୩୭୨ ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ଶିକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେଥିମଧ୍ୟରୁ ୧୬୨ ଜଣ ପ୍ରଥମ ଶ୍ରେଣୀ, ୧୨୭ ଜଣ ଦ୍ୱିତୀୟ ଶ୍ରେଣୀ, ୨୩ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୬୦ଜଣ ଶିକ୍ଷାର୍ଥୀ ଫେଲ ହୋଇଛନ୍ତି। ଅମିତ କୁମାର ମହାରଣା ୫୨୦ ମାର୍କ ରଖି କଲେଜର ଟପ୍ପର ଆଖ୍ୟା ଅର୍ଜନ କରିଛନ୍ତି। ବାଣିଜ୍ୟ ବିଭାଗରେ ୩୦୯ ଜଣ ଶିକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୫ଜଣ, ଦ୍ୱିତୀୟ ଶ୍ରେଣୀରେ ୫୬ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୦୦ ଜଣ ପାସ କରିଥିବା ବେଳେ ୭୬ଜଣ ଫେଲ ହୋଇଛନ୍ତି। ଝିଲି ପାଢ଼ୀ ସର୍ବାଧିକ ୫୨୫ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଳା ବିଭାଗରେ ୩୬୫ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୯୩ ଜଣ ପ୍ରଥମ ଶ୍ରେଣୀ, ୫୨ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୭୫ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୪୫ଜଣ ଶିକ୍ଷାର୍ଥୀ ଫେଲ ହୋଇଛନ୍ତି। ବିଷ୍ଣୁପ୍ରିୟା ପାଢୀ ସର୍ବାଧିକ ୪୮୪ ମାର୍କ ରଖି କଲେଜ ଟପ୍ପର ଆଖ୍ୟା ଅର୍ଜନ କରିଛନ୍ତି।

ହିଞ୍ଜିଳିକାଟୁ ବ୍ଲକ ପୋଚିଲିମା ଖାମ୍ବେୟାଦୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗରେ ୧୨୯ ଜଣ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୧୭ଜଣ ପ୍ରଥମ ଶ୍ରେଣୀ, ୪୪ ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୬ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୩୩ ଜଣ ଶିକ୍ଷାର୍ଥୀ ଫେଲ ହୋଇଛନ୍ତି। ଆନନ୍ଦ ସାଗର ଡାକୁଆ ସର୍ବାଧିକ ୪୫୬ ମାର୍କ ରଖି କଲେଜ ଟପ୍ପର ରହିଛନ୍ତି। କଳା ବିଭାଗରେ ୨୪୯ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୩୧ ଜଣ ପ୍ରଥମ, ୪୬ ଜଣ ଦ୍ୱିତୀୟ ଓ ୧୬୬ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୬ଜଣ ଫେଲ ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ୩୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେବଳ ଜଣେ ପ୍ରଥମ, ୩ ଜଣ ଦ୍ୱିତୀୟ ଓ ୨୬ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୪ଜଣ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ପାସ କରିଥିବା ବେଳେ ୨ ଜଣ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି।

### ୧୫ ଅସାମାଜିକ ବ୍ୟକ୍ତି ଗିରଫ

ଛତ୍ରପୁର, ୨୭।୫ (ସନ୍ତୋଷ ପାଢ଼ୀ): ଗଞ୍ଜାମ ପୋଲିସ ଜିଲାରେ ଅପରାଧ ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ ପାଇଁ ସ୍ପେଶାଲ ଡ୍ରାଇଭ ଚାଲିଛି। ପୁଣି ଏହି ପୋଲିସ ଜିଲା ଅଧିନ ବିଭିନ୍ନ ଥାନା ପକ୍ଷରୁ ୧୫ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ୯ ଜଣଙ୍କ ଉପରେ ଆର୍ମସ ଆକ୍ଟ ଲାଗିଛି। ଅନ୍ୟମାନେ ହତ୍ୟା ଉଦ୍ୟମ, ଚୋରି ଓ ଲୁଟ ମାମଲାରେ ସମ୍ପୃକ୍ତ ଥାଇ ଗିରଫ ହୋଇଛନ୍ତି। ପୁରୁଷୋତ୍ତମପୁର, କୋଦଳା ଓ ବଡ଼ଗଡ଼ ଥାନା ପୋଲିସ ୨ ଜଣ ଲେଖାଏଁ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ଭଞ୍ଜନଗର ଥାନା ପୋଲିସ ୩ ଜଣ, ପାଟପୁର ପୋଲିସ ୪ ଜଣ, ସୋରଡ଼ା ଓ ପୋଲସରା ପୋଲିସ ଜଣେ ଲେଖାଏଁ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ଏହି ଡ୍ରାଇଭ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଯୁକ୍ତ ୨ ବିଜ୍ଞାନରେ ସେକ ମୁରସିଦ, ବାଣିଜ୍ୟରେ ଧନୁ ଛତ୍ରପୁର ବ୍ଲକ ଟପ୍ପର



ଛତ୍ରପୁର, ୨୭।୫ (ଦିଲୀପ ସାମଲ):

ରବିବାର ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ପରୀକ୍ଷା ଫଳାଫଳ ପ୍ରକାଶିତ ହୋଇଥିଲା। ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଛାତ୍ର ସେକ ମୁରସିଦ ଅହମ୍ମଦ (୫୩୨) ଓ ବାଣିଜ୍ୟ ବିଭାଗର ଛାତ୍ର ବି. ଧନୁ ପାତ୍ର (୪୯୩) ସର୍ବାଧିକ ନମ୍ବର ରଖି ୨ ଜଣ ଛାତ୍ର ଛତ୍ରପୁର ବ୍ଲକ ଟପ୍ପର ହୋଇଛନ୍ତି। ଏହି ଦୁଇଜଣ ଛାତ୍ର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ଥିବା ବେଳେ ଛତ୍ରପୁର ଜୁପିଟର ଶିକ୍ଷାନୁଷ୍ଠାନରେ କୋଚିଂ ନେଉଥିଲେ। ଦୁଇ ଛାତ୍ରଙ୍କ ସଫଳତା ପାଇଁ ଜୁପିଟର ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ସୁଧୀର କୁମାର ସାହୁ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହାସହିତ ଅନୁଷ୍ଠାନର ଛାତ୍ରୀ ଜେ.ଜାମିନୀ ପାତ୍ର ଯୁକ୍ତ ୨ କଳା ବିଭାଗରେ ୪୮୫ ମାର୍କ ରଖି ଛତ୍ରପୁର ବ୍ଲକର ଦ୍ୱିତୀୟ ଟପ୍ପର ରହିଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ବୁଗୁଡ଼ା: କଳାରେ ୮୬.୬୨%, ବିଜ୍ଞାନରେ ୬୪.୯୩% ପାସ୍

ବୁଗୁଡ଼ା, ୨୭।୫ (କାଳିଚରଣ ଦାଶ)

ବୁଗୁଡା ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇ ଛାତ୍ରୀ କଳା ଓ ବିଜ୍ଞାନରେ ସର୍ବାଧିକ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। କଳା ବିଭାଗରେ ରଶ୍ମି ପଟ୍ଟନାୟକ ୪୯୮ ନମ୍ବର ରଖିଥିବା ବେଳେ ବିଜ୍ଞାନ ବିଭାଗରେ ସନ୍ତୋଷିନୀ ନାଇକ ୪୯୫ ନମ୍ବର ରଖି ଗୌରବ ଆଣିଛନ୍ତି। ବ୍ଲକରେ ଯୁକ୍ତ ୨ କଳାରେ ପାସ୍ ହାର ୮୬.୬୨ % ରହିଥିବା ବେଳେ ବିଜ୍ଞାନରେ ପାସହାର ୬୪. ୯୩ % ରହିଛି।

ବୁଗୁଡ଼ା ଅଞ୍ଚଳରେ ଥିବା ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ମୋଟ ୧୦୭୭ ଜଣ ପରୀକ୍ଷା ଦେଇଥିବା ସେଥିମଧ୍ୟରୁ ୯୩୩ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୧୭, ଦ୍ୱିତୀୟ ଶ୍ରେଣୀରେ ୧୪୧ ଓ ତୃତୀୟ ଶ୍ରେଣୀରେ ୬୭୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପିପୁଲ୍ସ କଲେଜର ୩୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୮, ଦ୍ୱିତୀୟ ଶ୍ରେଣୀରେ ୪୦ ଓ ତୃତୀୟ ଶ୍ରେଣୀରେ ୧୭୨ଜଣ ପାସ୍ କରିଥିବା ବେଳେ ୭୪ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୩, ଦ୍ୱିତୀୟ ଶ୍ରେଣୀରେ ୧୫ ଓ ତୃତୀୟ ଶ୍ରେଣୀରେ ୧୨୪ ଜଣ ପାସ୍ କରିଥିବା ବେଳେ ୩୯ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୦, ଦ୍ୱିତୀୟ ଶ୍ରେଣୀରେ ୬୦ ଓ ତୃତୀୟ ଶ୍ରେଣୀରେ ୧୯୮ ଜଣ ପାସ୍ କରିଥିବା ବେଳେ ୧୪ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭, ଦ୍ୱିତୀୟ ଶ୍ରେଣୀରେ ୧୯ ଓ ତୃତୀୟ ଶ୍ରେଣୀରେ ୯୧ ଜଣ

**ପିପୁଲ୍ସ କଲେଜ ଛାତ୍ରୀ ବ୍ଲକ ଟପ୍ପର**



ରଶ୍ମି ପଟ୍ଟନାୟକ



ସନ୍ତୋଷିନୀ ନାଇକ

ପାସ୍ କରିଥିବା ବେଳେ ୧୪ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩, ଦ୍ୱିତୀୟ ଶ୍ରେଣୀରେ ୨ ଓ ତୃତୀୟ ଶ୍ରେଣୀରେ ୬୩ ଜଣ ପାସ୍ କରିଥିବା ବେଳେ ୩ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଅହଲ୍ୟାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬, ଦ୍ୱିତୀୟ ଶ୍ରେଣୀରେ ୫ ଓ ତୃତୀୟ ଶ୍ରେଣୀରେ ୨୭ ପାସ୍ କରିଥିବାରୁ ପାସ୍ ହାର ଶତ ପ୍ରତିଶତ ରହିଛି। ସେହିପରି ବ୍ଲକର ୩ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନରେ ମୋଟ ୩୦୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପିପୁଲ୍ସ କଲେଜର ୧୭୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୧ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୯ ଜଣ ଓ ତୃତୀୟ ଶ୍ରେଣୀରେ ୨୭ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଲିପଦର କଲେଜର ୮୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୯ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୯ ଜଣ ଓ ତୃତୀୟ ଶ୍ରେଣୀରେ ୨୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମାଣିତରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୯ ରୁ ୪୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ ଓ ତୃତୀୟ ଶ୍ରେଣୀରେ ୧୪ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।




## ସଂକ୍ଷେପରେ

### ଖେମୁଣ୍ଡି କଲେଜର ଯୁକ୍ତ ୨ ପରୀକ୍ଷା ଫଳ
## ବିଜ୍ଞାନରେ ପ୍ରସାଦ, କଳାରେ ଶୁଭମ୍ ଟପ୍ପର

ଦିଗପହଣ୍ଡି,୨୭।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜର ଯୁକ୍ତ ୨ ବିଜ୍ଞାନ ବିଭାଗର ଛାତ୍ର ବି.ପ୍ରସାଦ ପାତ୍ର ୫୦୨ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଖେମୁଣ୍ଡି କଲେଜ ଯୁକ୍ତ ୨ ବିଜ୍ଞାନରେ ସମୁଦାୟ ୨୫୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୫୩ ଜଣ ପ୍ରଥମ ଶ୍ରେଣୀ, ୬୯ ଜଣ ଦ୍ୱିତୀୟ ଶ୍ରେଣୀ, ୧୪ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୧୯ ଜଣ ଛାତ୍ରୀଛାତ୍ର ଅକୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ସେହିପରି ଯୁକ୍ତ ୨ କଳାରେ ସମୁଦାୟ ୨୮୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଶୁଭମ୍ ସେଠୀ ୪୮୪ ମାର୍କ ହାସଲ କରି କଲେଜ ଟପ୍ପର ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୪୨, ଦ୍ୱିତୀୟ ଶ୍ରେଣୀରେ ୪୬, ତୃତୀୟ ଶ୍ରେଣୀରେ ୧୩୬ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୫ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ଯୁବତୀ ବେକରେ ଶାଢ଼ୀବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଏନ୍. ନିକିତା (୨୭)। ଟାଉନ ଥାନା ପୋଲିସ ସୋମବାର ମୃତଦେହ ଜବତ କରିଛି। ଛାତ୍ରୀ ଜଣଙ୍କ ମାତ୍ରାଧିକ ଚାପରୁ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୁରଜ ବିହାରୀ ଦ୍ୱିତୀୟ ଗଳିରେ ଏନ.ନାଗେଶ୍ୱର ସୁବୁଦ୍ଧିଙ୍କ ପରିବାର ରହୁଛନ୍ତି। ତାଙ୍କର ୨ଟି ଝିଅ। ଏନ.ନିକିତା ଡାକ୍ତରୀ ପଢ଼ି ଭୁବନେଶ୍ୱରର ଏକ ହସ୍ପିଟାଲରେ କାମ କରୁଥିଲେ। କିଛିଦିନ ହେଲା ସେ ଘରକୁ ଆସିଥିଲେ। ରବିବାର ସନ୍ଧ୍ୟାରେ ଘରେ ଏକାକୀ ଥିବା ବେଳେ କୌଣସି କାରଣରୁ ସେ ବେକରେ ଶାଢ଼ୀ ଗୁଡାଇ ଫ୍ୟାନରେ ଝୁଲି ପଡିଥିଲେ। ବାପା ଆସିବା ପରେ ଏହା ଦେଖି ଝିଅ ବଞ୍ଚିଥିବା ଭାବି ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ସେଠାରେ ନିକିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ପ୍ରେମ ପରେ ପ୍ରତାରଣା, ଯୁବକ ଗିରଫ

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ): ଇନଷ୍ଟାଗ୍ରାମ୍‌ରେ ଜଣେ ମହିଳାଙ୍କୁ ପ୍ରେମ କରି ପରେ ପ୍ରତାରିତ କରିଥିବା ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଗୋସାଣୀନୂଆଗାଁର ଜଗଦୀଶ ପାଣିଗ୍ରାହୀ(୨୭)। ଉଭୟ ପୀଡିତା ଓ ପ୍ରତାରକ ଜଗଦୀଶଙ୍କ ଡାକ୍ତରୀମାଇନା କରାଯାଇଛି। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରାୟ ବର୍ଷେ ତଳେ ଇନଷ୍ଟାଗ୍ରାମରେ ଜଗଦୀଶ ଜଣେ ୩୨ ବର୍ଷିୟା ମହିଳାଙ୍କ ସହ ପ୍ରେମ ସମ୍ପର୍କ ଆରମ୍ଭ କରିଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ବିଭିନ୍ନ ସ୍ଥାନରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣଙ୍କ ବିବାହ ପାଇଁ କହିବାରୁ ସେ ମନା କରିଦେଇଥିଲେ। ମହିଳା ଜିଦ ଧରିବାରୁ ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ମହିଳା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ବ୍ୟବସାୟୀଙ୍କୁ ଛୁରାମାଡ଼, ଫାଣ୍ଡି ଘେରାଉ କଲେ ଗ୍ରାମବାସୀ

ଗଞ୍ଜାମ,୨୭।୫(ବିଦ୍ୟାଧର ସାହୁ)

ରମ୍ଭା ଥାନା ହୁମ୍ମା ଫାଣ୍ଡି ଅଧିନ ପାଲୁର ଜଙ୍କଶନରେ ଜଣେ ଚିକେନ୍ ବ୍ୟବସାୟୀଙ୍କୁ ଛୁରାମାଡ଼ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ଏହି ଆକ୍ରମଣରେ ବ୍ୟବସାୟୀ ତଥା ବେଲପଡା ଗ୍ରାମର ଦୀପକ ନାୟକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଓ ଗ୍ରାମବାସୀ ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି ନେଇ ଦୀପକଙ୍କ ପରିବାର ସମେତ ବେଲପଡ଼ା ଗ୍ରାମବାସୀ ହୁମ୍ମା ଫାଣ୍ଡି ଘେରାଉ କରିଥିଲେ। ପୋଲିସ ଆକ୍ରମଣକାରୀ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି।

ସୂଚନାନୁଯାୟୀ ଦୀପକ, ତାଙ୍କ ସାନଭାଇ ଦିଲୀପ ଓ ବାପା ପ୍ରଦୀପ ନାୟକ ଚିକେନ୍ ବ୍ୟବସାୟ କରୁଥିବା ସମୟରେ ବେଲପଡା ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ଗୋପାଳପୁର ବକ୍ସି ସାହିର ଜଣକୁ ସାଙ୍ଗରେ ଆଣି ଦୋକାନକୁ ଆସିଥିଲେ। ସେମାନେ ବିଭିନ୍ନ ପ୍ରକାର ମରଣାନ୍ତକ ଅସ୍ତ୍ର ଧରି ପ୍ରସ୍ତୁତ ହୋଇ ଆସି ଦୀପକଙ୍କୁ ଛୁରିରେ ଅତର୍କିତ ଆକ୍ରମଣ କରିଥିଲେ। ଦୀପକଙ୍କ ଭାଇ ଓ ବାପା ପ୍ରଦୀପ ପ୍ରତିବାଦ କରିବାରୁ ସେମାନଙ୍କୁ ମାଉଜର ଦେଖାଇ ଭୟଭୀତ କରାଇଥିଲେ। ସ୍ଥାନୀୟ ଲୋକେ ପଳାଇଆସିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେମାନଙ୍କୁ ଗିରଫ ଦାବି ନେଇ ଗ୍ରାମବାସୀ ହୁମ୍ମା ଫାଣ୍ଡି ଘେରାଉ କରିଥିଲେ। ହୁମ୍ମା ଫାଣ୍ଡି ଅଧିକାରୀ ବିମଳ କହଁର ଘଟଣା ସ୍ଥଳକୁ ଆସି ଯାଞ୍ଚ କରିବା ସହ ଫେରାର ଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଦୀପକଙ୍କ ସାନ ଭାଇ ଦିଲ୍ଲୀପ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ସମସ୍ତ ଘଟଣାକୁ ହୁମ୍ମା ଫାଣ୍ଡି ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତ ସନ୍ତୋଷ ନାୟକ ଓ ଲଳିତ ନାୟକଙ୍କୁ ଗିରଫ କରିଛି।



ହୁମ୍ମା ଫାଣ୍ଡି ଘେରାଉ କରିଛନ୍ତି ଗ୍ରାମବାସୀ

# ୨ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ବର୍ଷ ଜେଲ

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍-୩ ରାଜକୁମାର ଦାଶ ସୋମବାର ଏକ ଗଞ୍ଜେଇ ଚାଲାଣ ମାମଲାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗଜପତି ଜିଲା ଆର.ଉଦୟଗିରି ଥାନା ଛେଲାଗଡ଼ର ବାବୁଲା ମାଝି(୨୮) ଓ ମୋହିତ ବୀର(୨୪)। ଉଭୟଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ପ୍ରତ୍ୟେକ ୧ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ରହିଛି। ଏହା ଅନାଦାୟ ଆଉ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଅବକାରୀ ଗୋଇନ୍ଦା ବିଭାଗ ବ୍ରହ୍ମପୁର ତତ୍କାଳୀନ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନିର୍ଦ୍ଦେଶରେ ଏକ ଟିମ ଯାନବାହନ ଯାଞ୍ଚ କରିଥିଲା। ବୋଲେରୋ (ନଂ.ଓଡି ୦୭ଏଏଚ ୮୨୦୮)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୪୦ କେଜି ଗଞ୍ଜେଇ ମିଳିଥିଲା। ତାହାକୁ ଜବତ କରାଯିବା ସହ ଗଞ୍ଜେଇ ଚାଲାଣ ଅଭିଯୋଗରେ ମାମଲା ନଂ. ୪୬୮/୨୨-୨୩ରେ ବାବୁଲା ଓ ମୋହିତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ମାମଲାର ବିଚାର ବେଳେ ୪ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଓ ଫଟୋଗୁଡିକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିବା ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ରୋଶନ ମୁଦଙ୍ଗିଆ ଓରଫ ତ୍ରିନାଥ(୨୦)। ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଜଣେ ନାବାଳିକାଙ୍କ ସହ ୪ବର୍ଷ ପୂର୍ବେ ରୋଶନଙ୍କର ବନ୍ଧୁତା ହେବା ପରେ ଉଭୟଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ଚାଲିଥିଲା। ବିଭିନ୍ନ ସମୟରେ ନାବାଳିକା ରୋଶନଙ୍କ ସହ ବୁଲିବାକୁ ଯାଇଥିଲେ । ଏହି ସମୟରେ ରୋଶନ ନାବାଳିକାଙ୍କ ସହ କିଛି ଫଟୋ ଉଠାଇଥିଲେ । ଏହି ଫୋଟର ଫାଇଦା ନେଇ ରୋଶନ ନାବାଳିକାଙ୍କୁ ଭୟଭୀତ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା । ସମ୍ପର୍କ ନ ରଖିଲେ ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲେ । ନାବାଳିକା ଜଣକ କଥା ନ ଶୁଣିବାରୁ ରୋଶନ ସୋସିଆଲ ମିଡ଼ିଆରେ ଫଟୋ ଭାଇରଲ କରିଥିଲେ। ନାବାଳିକା ଏହି ଘଟଣାକୁ ନେଇ ପରିବାରକୁ କହିବା ପରେ ପରିବାର ପକ୍ଷରୁ ଗତ ୨୪ତାରିଖରେ ବଡ଼ ବଜାର ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ରୋଶନଙ୍କୁ କାବୁ କରିବା ପାଇଁ ଏକ ଟିମ ଗଠନ କରି ତାଙ୍କ ମୋବାଇଲ ଟ୍ରାକିଂ କରିଥିଲା। ରୋଶନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିବା ସହ ତାଙ୍କ ମୋବାଇଲ ଫୋନ ପୋଲିସ ଜବତ କରିଛି ।

# ଅନ୍‌ଲାଇନ ଠକେଇର ଶିକାର ହେଲେ ୨ଯୁବକ

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ):

ବୈଦ୍ୟନାଥପୁର ଥାନା ବିଦ୍ୟୁତପୁରୀ କଲୋନୀରେ ରହୁଥିବା ଜଣେ ଯୁବକ ଏକ ସଂସ୍ଥାରେ ପାର୍ଟଟାଇମ ଚାକିରି କରିବାକୁ ଆଶା କରି ଠକେଇର ଶିକାର ହୋଇଛନ୍ତି। ଠକ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୫ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗକାରୀ ସନ୍ତୋଷ କୁମାର ନାୟକ ଏକ ବିଜ୍ଞାପନରୁ ଆମାଜନ ଫ୍ଲାଗସିପ ଷ୍ଟୋରରେ ପାର୍ଟ ଟାଇମ ଜବ୍ ଥିବା ଜାଣିବା ପରେ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ସେଥିରେ କାମ କରିବାକୁ ହେଲେ କେତେଗୁଡିଏ ଟାସ୍କ କରିବାକୁ କୁହାଯାଇଥିଲା। ସଂସ୍ଥାରେ କାମ କରିବା ପାଇଁ ତାଙ୍କୁ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୨୫ ହଜାର ୪୦୦ ଟଙ୍କା ବିନିଯୋଗ କରିବାକୁ ସନ୍ତୋଷଙ୍କୁ କୁହାଗଲା। ପରେ ପର୍ଯ୍ୟାୟକ୍ରମେ ସେ ଟଙ୍କା ଜମା କରିଥିଲେ। ନିର୍ଦ୍ଧାରିତ ସମୟ ଭିତରେ ଟଙ୍କା କିମ୍ବା ସେ ବାବଦ କରିଥିବା କାମର ପାରିଶ୍ରମିକ ପାଇ ନ ଥିଲେ। ପରେ ସଂସ୍ଥାକୁ ଫୋନ୍ କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ତେଣୁ ସନ୍ତୋଷ ଉକ୍ତ ସଂସ୍ଥାକୁ ପଠାଇଥିବା ଟଙ୍କା ଫ୍ରିଜ କରିବା ପାଇଁ ସାଇବର ଥାନାକୁ ଜଣାଇଥିଲେ। ସେ ବୈଦ୍ୟନାଥପୁର ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୬୩/୨୪ରେ ଏକ ମାମଲା ରୁଜୁ କରିଛି। ସେହିପରି ଗୋଦାବରୀଶ ନଗରରେ ରହୁଥିବା ସମ୍ଭବ ପ୍ରସାଦ ଦାସ ମଧ୍ୟ ଠକେଇର ଶିକାର ହୋଇଛନ୍ତି। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ରର ଗ୍ଲୋବାଲ ଟେକନୋଲୋଜି ଲିମିଟେଡ ନାମକ ଏକ ସଂସ୍ଥାରୁ ଆଇପିଓ କିଣିବା ପାଇଁ ସେ ୧ ଲକ୍ଷ ୪୫ ହଜାର ଟଙ୍କା ପଠାଇଥିଲେ। ହେଲେ ସେ ଆଇପିଓ ପାଇପାରିନଥିଲେ। ଏନେଇ ବାରମ୍ବାର ଫୋନ କରି ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

## ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ

ଗୋପାଳପୁର,୨୭।୫(ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା କନିଷି ଓ ଗୋବିନ୍ଦନଗର ୧୬ ନଂ ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପାଟପୁର ଥାନା ବଙ୍ଗରଡ଼ା ଗାଁର ଜ୍ଞାନରଥ ଚୌଧୁରୀ (୨୮) ଏବଂ ଗୋଳନ୍ଥରା ଥାନା ଭାଲିଆଗଡ଼ ଗ୍ରାମର ଏମ. ଅଶ୍ୱିନୀ କୁମାର ଓରଫ ବିପ୍ର । ରବିବାର ଜ୍ଞାନରଥ ନିଜ ବାଇକ (ନଂ ଓଆର୦୭ଏଭି ୭୭୫୨) ବ୍ରହ୍ମପୁରରୁ କନିଷି ଫେରୁଥିବା ବେଳେ କୌଣସି ଏକ ଗାଡି ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ଜ୍ଞାନରଥଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ତାଙ୍କ ଭାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୩୮/୨୪ରେ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସେହିପରି ସୋମବାର ଅପରାହ୍ନରେ ଭାଲିଆଗଡ଼ ଗାଁର ଅଶ୍ୱିନୀ ଗୋବିନ୍ଦନଗରରୁ ସ୍କୁଟିରେ ଭାଲିଆଗଡ଼ ଫେରୁଥିବା ବେଳେ ଟ୍ରକ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଡମେଡିକାଲକୁ ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଜବତ କରିଛି।

# ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର

ବ୍ରହ୍ମପୁର,୨୭।୫(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ତାଙ୍କ ପଦବୀ ଓ ସେହି ବିଭାଗରୁ ତୁରନ୍ତ ଅପସାରଣ କରାଯାଉ ବୋଲି ଦାବି କରି ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଦେଶ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଇ-ମେଲରେ ଦାବି ଜଣାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ସରକାର ୨୦୦୮ରେ ଗେଜେଟ ନୋଟିଫିକେସନ ବାହାର କରିଥିଲେ। ଏଥିରେ ବ୍ରହ୍ମପୁର ପାର୍ଶ୍ୱବର୍ତ୍ତୀ ୧୮ ପଞ୍ଚାୟତକୁ ନେଇ ବୃହତ୍ତର ମହାନଗର ଗଠନ କରାଯିବ ବୋଲି କହିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସହରତଳି ବାସିନ୍ଦା ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ବହୁ ଦୂରରେ ଥିବା ମହାନଗର ନିଗମର ସମସ୍ତ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ବାରମ୍ବାର ଆନ୍ଦୋଳନ କରାଯାଇଛି। ନଗର ଉନ୍ନୟନ ବିଭାଗକୁ ହାଇକୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟ କୌଣସି କାର୍ଯ୍ୟକାରୀ ହୋଇ ନାହିଁ। ବ୍ରହ୍ମପୁର ମହାନଗରର ଭୌଗୋଳିକ ପରିସୀମାର ପରିବର୍ଦ୍ଧିତ ଅଭିବୃଦ୍ଧି, ତ୍ୱରିତ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରାଯାଉଥିବାରୁ ବର୍ତ୍ତମାନର ନଗର ଉନ୍ନୟନ ବିଭାଗ ସଚିବଙ୍କୁ ତୁରନ୍ତ ସେହି ବିଭାଗରୁ ଅପସାରଣ କରାଯିବାକୁ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି।

# ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ନାଳନ୍ଦାଶ୍ରୀର ସଫଳତା

ବ୍ରହ୍ମପୁର,୨୭।୫(ସ୍ମୃତି ରଞ୍ଜନ ମହାଲିକ): ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ନାଳନ୍ଦାଶ୍ରୀ ହାଏର ସେକେଣ୍ଡାରୀ ସ୍କୁଲ ସଫଳତା ପାଇଛି। ସମସ୍ତ ଛାତ୍ରୀଛାତ୍ର ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ୪୯୯ ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୯ ଜଣ ପାସ କରିଛନ୍ତି। ଯସ୍ମିନ ପାଣିଗ୍ରାହୀ ସର୍ବାଧିକ ୫୬୬, ରାଜଲକ୍ଷ୍ମୀ ନାୟକ ୫୫୬, ସଂଜ୍ଞାଦେବୀ ଜେନା ୫୫୪, ଶୁଭମ ପାତ୍ର ୫୪୯, କାବେରୀ ଦାଶ ୫୪୭, ରୁଦ୍ର ପ୍ରସାଦ ପ୍ରଧାନ ୫୪୬, ସନ୍ତୋଷିନୀ ପଲାଇ ୫୪୬, ହିମାଂଶୁ ମଲିକ ୫୪୨, ପି ପୂର୍ଣ୍ଣିମା ପାତ୍ର ୫୪୦ ମାର୍କ ରଖିଛନ୍ତି। ୪୬ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଯୋଗୁ ଏହି ସଫଳତା ମିଳିଛି ବୋଲି ଅନୁଷ୍ଠାନର ଚେୟାରମ୍ୟାନ ତଥା ପ୍ରତିଷ୍ଠାତା କାଳୀଚରଣ ସାହୁ କହିଛନ୍ତି। ବିଦ୍ୟାଳୟର ନିର୍ଦ୍ଦେଶକ ଉମାକାନ୍ତ ପାତ୍ର ଓ ଅଧ୍ୟକ୍ଷ ମନୋଜ କୁମାର ସାହୁ ସଫଳ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।


ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ମାଟ୍ରିକ୍‌ରେ ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ବ୍ରହ୍ମପୁର,୨୭।୫(ସ୍ମୃତି ରଞ୍ଜନ ମହାଲିକ): ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଫଳତା ପାଇଛି। ପରୀକ୍ଷା ଦେଇଥିବା ସମସ୍ତ ୯୬ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋମବାର ୯୦%ରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଶୁତୋଷ ସାହୁ ୫୬୫ (୯୪.୧୬%) ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ତେଜେଶ୍ୱର ସେଠୀ ୫୫୨(୯୨ %) ମାର୍କ ରଖି ଦ୍ୱିତୀୟ ସ୍ଥାନ ଓ ଏ ଶୁଭମ କୁମାର ଦୋରା ୫୪୭ (୯୧.୧୮ %) ମାର୍କ ରଖି ୩ୟ ହୋଇଛନ୍ତି। ଏ-୧ରେ ୩ ଜଣ, ଏ-୨ରେ ୧୩, ବି-୧ରେ ୧୬, ବି-୨ରେ ୨୦, ସିରେ-୨୩ ଜଣ, ଡିରେ ୧୯ ଜଣ ଓ ୨ ଇ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ ମୁଖ୍ୟ ଅତିଥି ଥିଲେ। ବିଦ୍ୟାଳୟ ସଭାପତି ରାମ ପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ଉପସଭାପତି ସୁପ୍ରଭା ପାତ୍ର, ଯୁଗ୍ମ ସଂପାଦକ ଜି ଶ୍ରୀନିବାସ ଆଚାରୀ, କୋଷାଧ୍ୟକ୍ଷ ତରୁଣ କୁମାର ପାଢ଼ିଙ୍କ ସମେତ ସଦସ୍ୟ ଭଗବାନ ସେଠୀ ଓ ସଦସ୍ୟା ସରିତା ଶତପଥୀ ଯୋଗ ଦେଇଥିଲେ। ପ୍ରଧାନଚାର୍ଯ୍ୟ ସୁନୀଲ କୁମାର ଗୌଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟ ଗୌର ନାହାକ, ଶିବରାମ କର, କେଦାର ରଞ୍ଜନ ପଟ୍ଟନାୟକ, ରାମକୃଷ୍ଣ ପାଣିଗ୍ରାହୀ, ଅରୁଣ କୁମାର ଶତପଥୀ ସହଯୋଗ କରିଥିଲେ।


କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ପଥପ୍ରାନ୍ତ ନାଟକରେ ଟିପିଏସ୍‌ଓଡିଏଲ୍‌ର ସୁରକ୍ଷା ସଚେତନତା

ବ୍ରହ୍ମପୁର,୨୭।୫(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ଚଳିତ ଆର୍ଥିକ ବର୍ଷରେ ଅପରେଶନାଲ କ୍ଷେତ୍ରରେ ୧୪୦ରୁ ଉର୍ଦ୍ଧ୍ୱ ପଥପ୍ରାପ୍ତ ନାଟକ ଆୟୋଜନ ପାଇଁ ଯୋଜନା କରିଛି। ଗତ ଜାନୁଆରୀରୁ ମେ ମାସ ମଧ୍ୟରେ କମ୍ପାନୀ ପକ୍ଷରୁ ୬୧ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଛି। ଏହା ମାଧ୍ୟମରେ ଉପଭୋକ୍ତା, କର୍ମଚାରୀ ସୁରକ୍ଷା, ପଶୁ ସୁରକ୍ଷା, ଶକ୍ତି ସଂରକ୍ଷଣ ଓ ବିଦ୍ୟୁତ ଚୋରି ରୋକିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ଡିଜିଟାଲ ପେମେଣ୍ଟ ଓ ୧୯୧୨ କଲ ସେଣ୍ଟର ନଂ. ଭଳି ବିଷୟ ବସ୍ତୁକୁ ନାଟକରେ ସାମିଲ କରାଯାଇଛି। ବିଦ୍ୟୁତ ଉପକରଣଗୁଡିକୁ ପାଣିଠାରୁ ଦୂରେଇ ରଖିବା, ଶିଶୁଙ୍କ ନିରାପତ୍ତା ପାଇଁ ଆଉଟଲେଟ, ପ୍ଲାଷ୍ଟିକ ଗାର୍ଡର ବ୍ୟବହାର, କ୍ଷୟ ହୋଇଥିବା ବିଜୁଳି ତାର ଓ ଢିଲା ତାର ସଂଯୋଗକୁ ନିୟମିତ ଯାଞ୍ଚ କରିବା ଏବଂ ବୈଦ୍ୟୁତିକ ଉପକରଣ ସୁରକ୍ଷାକୁ ପାଳନ କରିବା ବିଷୟ ମଧ୍ୟ ନାଟକରେ ପ୍ରଦର୍ଶିତ ହୋଇଛି। ଏହି ପଦକ୍ଷେପ କୋରାପୁଟ ଓ ଗଞ୍ଜାମ ଜିଲାରେ ସଫଳତା ହାସଲ କରିଛି। ଟିପିଏସଓଡିଏଲ କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ସେକ୍ସନରେ ୭୯ ନାଟକ ଆୟୋଜିତ ହେବ। ସ୍ଥାନୀୟ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଏନଜିଓ ସହଯୋଗ କରୁଛନ୍ତି। ଟିପିଏସଓଡିଏଲରେ ଆମେ ଏକ ସୁରକ୍ଷିତ ଓଡିଶା ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି। ପଥପ୍ରାନ୍ତ ନାଟକ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ସଚେତନତା ସହ ଗୋଷ୍ଠୀ ସଶକ୍ତୀକରଣ ହୋଇପାରିବ।


ଟିପିଏସଓଡିଏଲ ପକ୍ଷରୁ କରାଯାଉଥିବା ପଥପ୍ରାନ୍ତ ନାଟକ।

